# ସ୍ମରଣରେ... ଅବିସ୍ମରଣୀୟ ଧୀରେନ ଦାଶ

• କୈଳାସ ମଲ୍ଲିକ

ଉତ୍କୃଷ୍ଟ କଳାର ଦେଶ 'ଉତ୍କଳ' - ଆଜିର ଏଇ ଓଡ଼ିଶା, ଏହାର ସରସ, ସୁନ୍ଦର, ମନୋରଞ୍ଜନ ଓ ସଂସ୍କାରଧର୍ମୀ ତଥା ଧାର୍ମିକ ଚେତନାବାହୀ କଳା ପାଇଁ ଓଡ଼ିଶା ଆଜି ବିଶ୍ୱବନ୍ଦିତ ହୋଇ ପାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ମାର୍ଗୀ (ଶାସ୍ତ୍ରୀୟ) ବା ଦେଶୀ (ଲୋକକଳା) ହେଉ ପ୍ରତ୍ୟେକ କ୍ଷେତ୍ରରେ ଉତ୍କଳୀୟ ପରିବେଷଣ ଶୈଳୀ ବିଶ୍ୱ ଦରବାରରେ ଦର୍ଶକ ମାନଙ୍କର ହୃଦୟ ସ୍ପର୍ଶୀ ଓ ଆମୋଦ ଦାୟକ ହୋଇ ପାରିଛି ।

ଦିନ ଥିଲା ଓଡ଼ିଶାର ଅଗଣିତ ପୁରପଲ୍ଲୀ ନଗରଠାରୁ ଆରମ୍ଭ କରି ବନ, ଗିରି, ଗୁମ୍ଫା ନିବାସୀ ଜନତା ଓ ଆଦିମ ଅଧିବାସୀମାନଙ୍କର ନିଷ୍ଠା, ଚେଷ୍ଟା, ଆଗ୍ରହ, ଅଧ୍ୟବସାୟ ଓ ପୃଷ୍ଠପୋଷକ ମାନଙ୍କର ଉତ୍ସାହ, ପ୍ରେରଣା ତଥା ଆନୁସଙ୍ଗିକ ସହଯୋଗ, ସେମାନଙ୍କୁ ଜଣେ ଜଣେ କୁଶଳୀ କଳାକାର ଭାବରେ ପରିଚିତ କରାଇ ପାରିଥିଲା ।

ଉତ୍‌ଥାନ, ପତନ ଜଗତର ଚିରନ୍ତନ ନୀତି । ଏଥିରୁ କଳା ବି ବାଦ ଯାଆନ୍ତା କିପରି ? ସମୟର ପରିବର୍ତ୍ତନ, ପୃଷ୍ଠପୋଷକମାନଙ୍କର ପ୍ରୋତ୍ସାହନର ଅଭାବ, ପାରିପାର୍ଶ୍ୱିର ଘାତ ପ୍ରତିଘାତ ତଥା ଆଧୁନିକତାର ବିକୃତ ସ୍ପର୍ଶ ଭବିଷ୍ୟତ ବଂଶଧରଙ୍କ ପାଇଁ ପୂର୍ବ ସୂରୀଙ୍କ ଗଚ୍ଛିତ ସେହି ଅମୂଲ୍ୟ ସଂପଦର ଅବଲୁପ୍ତ, ଅବକ୍ଷୟ, ନିସ୍ତେଜ ପ୍ରାଣହୀନ ଅବସ୍ଥା ଦେଖିବାକୁ ପଡ଼ିଲା । ଅବଶେଷ ଯାହା ବି ରହିଲା, ପ୍ରକୃଷ୍ଟ ଗୁରୁ ବା ନିର୍ଦ୍ଦେଶକ ମାନଙ୍କ ଅଭାବରୁ ତାହା ଶ୍ରୀହୀନ ଓ ବିକୃତ ହେବାକୁ ବସିଲା । ନ ଥିଲା ଏଥିରେ ସେ ଦିନର କଳା ନୈପୁଣ୍ୟତା, ମନୋରଞ୍ଜନର ମଧୁର ସମ୍ଭାର ବା ନ ଥିଲା ଏଥିରେ ସଂସ୍କୃତିର ଚିହ୍ନ ବର୍ଣ୍ଣ ଓ ପରମ୍ପରାର ରୂପରେଖ ।

ଏହି ଦୁଃଖଦ ପରିସ୍ଥିତିରେ ବିକୃତ ପରମ୍ପରାହୀନ, ଅପସଂସ୍କୃତି ସମ୍ପନ୍ନ, ମୃତ ପ୍ରାୟ ନିସ୍ତେଜ ହୋଇ ପଡ଼ିଥିବା ଉତ୍କଳ ମାଟିର ଏହି ଅମୂଲ୍ୟ କଳା ନିଧିକୁ ପୁନରୁଦ୍ଧାର ଜୀବନ୍ତ କରିବା ଉଦ୍ଦେଶ୍ୟରେ ପୁଣ୍ୟ ଭୂମି ଉତ୍କଳରେ ଦେଖା ଦେଇଥିଲେ କେତେକ ସ୍ୱାଭିମାନୀ ସଂସ୍କୃତି ପରିପୂର୍ଣ୍ଣ, ଅନୁଭବୀ ତଥା ସୁନିପୁଣ କଳା ନିର୍ଦ୍ଦେଶକ । ଆଶା ଓ ବିଶ୍ୱାସର ଦୃଢ଼ସଂକଳ୍ପ ନେଇ ଆବେଗଭରେ ଆଗେଇ ଚାଲିଥିଲେ ଆଗକୁ ଆଗକୁ । ସେହି ହୃତ ଗୌରବ, ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ପୁନରୁଦ୍ଧାର ଉଦ୍ଦେଶ୍ୟରେ ।

ଏହି କୃତି, ଉଦୀୟମାନ, ଉତ୍ସାହୀ, ପ୍ରେରଣାଦୀପ୍ତ ସ୍ୱାଭିମାନୀଙ୍କ ମଧ୍ୟରେ ଥିଲେ ବମ୍ବେର ବମ୍ବେ ନାଟ୍ୟ ସଂଘ ତଥା ପ୍ରଖ୍ୟାତ ଗୁରୁ ମିଃ ହରବର୍ଟ ମାର୍ଶାଲଙ୍କ ଆଦର୍ଶରେ ଅନୁପ୍ରାଣୀତ ତଥା ନାଟ୍ୟ ଡିପ୍ଲୋମାଧାରୀ ଦକ୍ଷ ନିର୍ଦ୍ଦେଶକ ଗୁରୁ ସ୍ୱର୍ଗତ ଧୀରେନ ଦାଶ । ସେ ଏକାଧାରାରେ ଥିଲେ ଜଣେ ଅଭିନେତା, ନିର୍ଦ୍ଦେଶକ, ସମାଲୋଚକ, ଉପସ୍ଥାପନା ଶୈଳୀର ବିଶିଷ୍ଟ ପ୍ରବର୍ତ୍ତକ, ଲେଖକ ତଥା ଚଳଚ୍ଚିତ୍ରର ପ୍ରଥମ ଓଡ଼ିଆ ମୁଖପତ୍ର "କୁମକୁମ"ର ମୁଖ୍ୟ ସଂପାଦକ । ବମ୍ବେରେ ଅବସ୍ଥାନ ସମୟରେ କଳାର ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିଲେ ମଧ୍ୟ, ଓଡ଼ିଶାର ଲୁପ୍ତ କଳାର ପୁନରୁଦ୍ଧାର ପାଇଁ, ବିଶ୍ୱ ଦରବାରରେ ଉତ୍କଳୀୟ କଳାର ପ୍ରସାର ଓ ପ୍ରଚାର ପାଇଁ ଧାଇଁ ଆସିଥିଲେ ତାଙ୍କର ଜନ୍ମ ମାଟି, ପୁଣ୍ୟ ଭୂମି ଉତ୍କଳକୁ ।

ବମ୍ବେରୁ ଆସି ନୀରବରେ ବସି ରହି ନ ଥିଲେ । ଲୋକ କଳାର ବିଶେଷ କରି ଯାତ୍ରା, ସୁଆଙ୍ଗ ଓ ଗୀତିନାଟ୍ୟ ଆଦିର ତଥ୍ୟ ସଂଗ୍ରହ ଓ ସେଗୁଡ଼ିକର ପାରମ୍ପାରିକ ଶୈଳୀ ସମ୍ବନ୍ଧୀୟ ମଞ୍ଚ ବିନ୍ୟାସ ଓ ତାର ରୀତିନୀତି ଉପରେ ଜ୍ଞାନ ଆହରଣରେ ସକଳ ପ୍ରକାର ପ୍ରଚେଷ୍ଟା ଆରମ୍ଭ କରି ଦେଇଥିଲେ । ଏହାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱରସ୍ଥ ନିଜ ବାସଭବନରେ "ଇନ୍‌ଷ୍ଟିଚ୍ୟୁଟ୍ ଅଫ ଓରିଏଣ୍ଟାଲ ଥିଏଟର ଆର୍ଟସ" (IOTA) ନାମକ ଏକ ସଂସ୍ଥା ଗଠନ କରିଥିଲେ । ପ୍ରକାଶ ପାଇଲା ଲୋକକଳା ସମ୍ବନ୍ଧୀୟ, ଯାତ୍ରା ସମ୍ବନ୍ଧୀୟ ଅନେକ ଗବେଷଣାତ୍ମକ ସନ୍ଦର୍ଭ ଅନେକ ପତ୍ର ପତ୍ରିକାରେ । ଏହି ସାଂସ୍କୃତିକ ଜାଗରଣ ପାଇଁ ବାକିଥିଲା ବାସ୍ତବ ଯୁଦ୍ଧଯାତ୍ରା । ପ୍ରୟୋଜନ ଥିଲା ଉତ୍ସାହୀ ସଂସ୍କୃତିପ୍ରେମୀ ସୈନ୍ୟସଂଗ୍ରହ ।

**ସଂସ୍କୃତି ବିହାର :** ଏତିକିବେଳେ କଟକ ସହରର ବୁଢ଼ୀଠାକୁରାଣୀ (କାଳିଗଳି)ରେ ନବଗଠିତ "ସଂସ୍କୃତି ବିହାର" ସଂସ୍କୃତିର ପ୍ରସାର ପାଇଁ ଆବଶ୍ୟକ କରୁଥିଲା ଏକ ସୁଦକ୍ଷ ସେନାପତି, ଯାହାର ଇଙ୍ଗିତରେ, ଯାହାର ନିର୍ଦ୍ଦେଶନାରେ ସେ ଗଢ଼ି ପାରିବ ଏକ ସୁଦକ୍ଷ କଳାକାର ରେଜିମେଣ୍ଟ । ସଠିକ୍ ସମୟରେ ସମ୍ପର୍କ ସ୍ଥାପିତ ହେଲା । ଗୁରୁ - ନିର୍ଦ୍ଦେଶକ ଧୀରେନ ଦାଶ ଓ "ସଂସ୍କୃତି ବିହାର" ଅନୁଷ୍ଠାନ ମଧ୍ୟରେ । ଉଭୟ ପକ୍ଷର ଉଦ୍ଦେଶ୍ୟ ଫଳବତୀ ହେଲା । ଅନୁଷ୍ଠାନର ଶତାଧିକ ଉଦୀୟମାନ, ସୁଶିକ୍ଷିତ ଯୁବକ କଥିତ ଯୁଦ୍ଧଯାତ୍ରାରେ ସକ୍ରିୟ ଯୋଗଦାନ କଲେ । ଚାଲିଲା, ନୂତନ ଯୁଦ୍ଧଯାତ୍ରାର ପରୀକ୍ଷା ନୀରିକ୍ଷା । ପ୍ରୟୋଗ ହେଲା ନୂତନ ରଣ କୌଶଳ । ଯୁଦ୍ଧ ପାଇଁ ନୂତନ "ବ୍ୟୁହ"ର ପରିକଳ୍ପନା ଚାଲିଲା । ଆଧାର ଥିଲା ଗଣକବି ବୈଷ୍ଣବ ପାଣିଙ୍କ ରଚିତ ଗୀତିନାଟ୍ୟ "ବିରାଟ ଗୋଧନ ହରଣ" । ସେନାଧ୍ୟକ୍ଷଙ୍କ ଅଦ୍‌ଭୁତ ମଞ୍ଚ ପରିକଳ୍ପନା, ସୁଚିନ୍ତିତ ନିର୍ଦ୍ଦେଶନା କୌଶଳ, ଆଙ୍ଗିକ, ବାଚିକ, ଆହାର୍ଯ୍ୟ ଓ ସାତ୍ତ୍ୱିକ ଅଭିନୟର ନୂତନ ଦିଗ୍‌ଦର୍ଶନ ଯୁବକମାନଙ୍କୁ ବିଶେଷ ଭାବରେ ଆକର୍ଷିତ କରି ପାରିଥିଲା । ଉଦ୍‌ବୁଦ୍ଧ ହୋଇ ଉଠିଥିଲେ କର୍ମକର୍ତ୍ତା, କର୍ମଚାରୀ ଓ ବୀର ସୈନ୍ୟବୃନ୍ଦ । ସୁଯୋଗକୁ ଅପେକ୍ଷା କରି ରହିଥିଲେ ସମସ୍ତେ ।

୧୯୬୬ ମସିହାର କାର୍ତ୍ତିକ ଉତ୍ସବ । ଯୁଦ୍ଧ କ୍ଷେତ୍ର ଥିଲା ବାରବାଟି ଦୁର୍ଗ ଗଡ଼ଖାଇର ଅପର ପାର୍ଶ୍ୱସ୍ଥିତ ଉନ୍ମୁକ୍ତ ପ୍ରାନ୍ତର । ମୁକ୍ତାକାଶ ତଳର ବିରାଟ ପ୍ରେକ୍ଷା । ଦର୍ଶକ ମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ଗଡ଼ଖାଇର ବର୍ହିଭାଗ – ବର୍ତ୍ତମାନର ସପ୍ତଧାରା ସ୍ଥାନ । ଶୁଭ ମୁହୂର୍ତ୍ତରେ ଶୁଭ ମାଙ୍ଗଳିକ ସଂଗୀତ ସହ ଆରମ୍ଭ ହେଲା ଯୁଦ୍ଧ ଯାତ୍ରାର ପ୍ରଥମ ପରୀକ୍ଷା – ଗଣକବି ବୈଷ୍ଣବ ପାଣିଙ୍କ ରଚିତ – ମହାନ୍ ପୌରାଣିକ ଗୀତିନାଟ୍ୟ "ବିରାଟ ଗୋଧନ ହରଣ" ବାଜିଉଠିଲା ରଣ ଭେରୀ । ଅସ୍ତ୍ରର ଝଙ୍କାର, କାର୍ମୁକ ଟଙ୍କାର ଗଜର, ଅଶ୍ୱମାନଙ୍କର ହେସ୍ରାରବ ଓ ବୀର ସୈନ୍ୟଙ୍କର ରଣ ହୁଙ୍କାରରେ ଦର୍ଶକମାନଙ୍କ ମନରେ, ପ୍ରାଣରେ ସୃଷ୍ଟି ଅପୂର୍ବ ଆଲୋଡ଼ନ । ଘଣ୍ଟା ଘଣ୍ଟା ଧରି ଶୀତର ପ୍ରକୋପକୁ ଭୃକ୍ଷେପ ନ କରି ଦୃଶ୍ୟକୁ ଉପଭୋଗ କରୁଥିଲେ ସହସ୍ର ସହସ୍ର ଦର୍ଶକ ବୃନ୍ଦ । ଯୁଦ୍ଧର ରୂପାୟନରେ ଆନନ୍ଦିତ ହୋଇଥିଲେ ସେନାଧକ୍ଷ ଓ ବୀର ସୈନ୍ୟବୃନ୍ଦ । ପ୍ରଶଂସାର ଉପଢୌକନ ପ୍ରାପ୍ତ ହେଲା ସଂସ୍କୃତି ବିହାର । ଏହାପରେ ଅନେକ ଗୀତିନାଟ୍ୟ ନିମନ୍ତ୍ରଣ ଆସିଲା ଓଡ଼ିଶା ତଥା ଓଡ଼ିଶା ବାହାର ବିଭିନ୍ନ ଅନୁଷ୍ଠାନରୁ । ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପାଇଲେ କଳାକାରମାନେ – ସୈନିକମାନେ । ସାର୍ଥକ ହେଲା ନିର୍ଦ୍ଦେଶକଙ୍କ ପରିକଳ୍ପନା ।

କ୍ରୁର କାଳର କରାଳ ଗର୍ଭରେ ସେ ହୁଏତ ଆଜି ହଜି ଯାଇଛନ୍ତି, କିନ୍ତୁ ତାଙ୍କରି ଅପୂର୍ବ ଅଙ୍ଗ ଚାଳନା, ସଂଳାପ ଶୈଳୀ ଓ ଅଭିନବ ରଣ କୌଶଳ ଏବେ ବି ହୃଦ କୁଞ୍ଜରେ ଗୁଞ୍ଜରୀ ଉଠେ । ତାଙ୍କରି ପଦାଙ୍କ ଅନୁସରଣ, ଅନୁକରଣ କରି ତାଙ୍କରି ଶୁଭାଶିଷକୁ ପାଥେୟ କରି "ସଂସ୍କୃତି ବିହାର' ରେଜିମେଣ୍ଟର ସମସ୍ତ ସୈନିକ ଆଜି ଜଣେ ଜଣେ ସୁଦକ୍ଷ ସେନାପତି – ନିର୍ଦ୍ଦେଶକ, ସୁନିପୁଣ ସୁକୌଶଳୀ କଳାକାରରେ ପରିଣତ ହୋଇ ପାରିଛନ୍ତି ଏଥିରେ ତିଳେ ମାତ୍ର ଦ୍ୱିଧା ନାହିଁ ।

**ମୋ ସମ୍ପର୍କରେ:**ବର୍ଣ୍ଣିତ ସଂସ୍କୃତି ବିହାର ରେଜିମେଣ୍ଟର ମୁଁ ଜଣେ ଅନାମଧେୟ ସୈନିକ । ପୂର୍ବରୁ ଯଦିଓ ବିଭିନ୍ନ ଯାତ୍ରାର ନିର୍ଦ୍ଦେଶକ ଭାବରେ, କଳାକାର ଭାବରେ ଅଭିଜ୍ଞତା, ତାହା ଥିଲା ଅପୂର୍ଣ୍ଣ, ଜୀବନରେ ଅଭାବ ଥିଲା – ପ୍ରକୃଷ୍ଟ ଗୁରୁଙ୍କ ଶିକ୍ଷା ଶୈଳୀ । "ସଂସ୍କୃତି ବିହାର"ର ଗୀତିନାଟ୍ୟ ପ୍ରଦର୍ଶନରେ ମୁଗ୍ଧ ହୋଇ ଯୋଗ ଦେଲି ଅନୁଷ୍ଠାନରେ । ସ୍ପର୍ଶ ଲାଭ କରିଥିଲି ଗୁରୁ ଧୀରେନ୍ ଦାଶଙ୍କର । ଆଗ୍ରହ ଥିଲା ଯାତ୍ରା, ଗୀତିନାଟ୍ୟ, ସୁଆଙ୍ଗ, ପାଲା, ଦାସକାଠିଆ, ହରିକଥା ଆଦି ବିଷୟରେ କିଛି କିଛି ଜାଣିବାକୁ । ସଂସ୍କୃତି ବିହାରରେ ଅଭିନୟ କରିବା ସଙ୍ଗେ ସଙ୍ଗେ ଗୁରୁଙ୍କର ଅନୁଗାମୀ ହୋଇ ଯାତ୍ରା କରିଥିଲି ଓଡ଼ିଶାର ଅନେକ ଅଗମ୍ୟ ପୁରପଲ୍ଲୀକୁ – ଲୁକ୍‌କାୟିତ, ଅବଲୁପ୍ତ କଳାର ଅନ୍ୱେଷଣରେ । ଜ୍ଞାନ ଆହରଣ କରି ପାରିଥିଲି – ଓଡ଼ିଶାର ଲୋକସଂସ୍କୃତି, ଲୋକକଳା ସମ୍ବନ୍ଧରେ, ତାଙ୍କରି କୃପାରୁ । ତାଙ୍କରି ନିର୍ଦ୍ଦେଶନାରେ ଅନ୍ୟାନ୍ୟ ଅନୁଷ୍ଠାନରେ ଅଂଶଗ୍ରହଣ କରି ବିଶେଷ ପ୍ରଶଂସିତ ହୋଇ ପାରିଥିଲି ମଧ୍ୟ । ତାଙ୍କରି ଆଶୀର୍ବାଦରୁ ସେ ଦିନର ଅନାମଧେୟ ସୈନିକ – ଆଜି ଜଣେ ନରପତି, ମନ୍ତ୍ରୀ, ଦୂତ, ବିଦୁଷକ, ନୃତ୍ୟବିତ୍ ଏବଂ ଜଣେ ସୁଦକ୍ଷ ନିର୍ଦ୍ଦେଶକ ଭାବରେ ନିଜକୁ ଗଢ଼ିବାରେ ସକ୍ଷମ ହୋଇ ପାରିଛି ।

କହିବା ବାହୁଲ୍ୟ ତାଙ୍କରି ପ୍ରେରଣାରୁ ଭାରତର ଅଗ୍ରଗଣ୍ୟ ସଂସ୍କୃତି ବିଶ୍ୱ ବିଦ୍ୟାଳୟ ଅଖିଳ ଭାରତୀୟ ଗାର୍ନ୍ଧବ ମହାବିଦ୍ୟାଳୟ ମଣ୍ଡଳରୁ ଓଡ଼ିଶୀ ନୃତ୍ୟ ସ୍ନାତକୋତ୍ତର (ଅଳଙ୍କାର - M.Mus) ଉପାଧି ଲାଭ ପୂର୍ବକ ଭାରତରେ ଓଡ଼ିଶୀ ନୃତ୍ୟର ଜଣେ ଗୁରୁ, ପରୀକ୍ଷକ, ପ୍ରଶ୍ନକର୍ତ୍ତା, ପାଠ୍ୟକ୍ରମ ପ୍ରଣେତା ଭାବେ ପରିଚିତ ହୋଇ ପାରିଛି । ପୁନଶ୍ଚ ସେଦିନର ସେହି ସାହଚର୍ଯ୍ୟ, ପରିଶ୍ରମ, ଲୁକ୍କାୟିତ କଳାକୁ ଲୋକଲୋଚନକୁ ଆଣିବାର ପ୍ରଚେଷ୍ଟାର ଉପଯୁକ୍ତ ଫଳ ମୁଁ ପାଇ ପାରିଛି । ପ୍ରକାଶ ଥାଉକି ଭାରତ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ "ଓଡ଼ିଶାର ସଂସ୍କୃତି ଓ ଲୋକନାଟକ" ସନ୍ଦର୍ଭ ଉପରେ ପ୍ରଦତ୍ତ ସିନିଅର ଫେଲୋସିପ୍ ଏହାର ଜ୍ୱଳନ୍ତ ପ୍ରମାଣ । ଏଥିପାଇଁ ସେହି ମହାନ ଗୁରୁ ଗବେଷକ ତଥା ଅପ୍ରତିଦ୍ୱନ୍ଦୀ ନିର୍ଦ୍ଦେଶକ ଧୀରେନ ଦାଶଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ପ୍ରଣାମ ଜଣାଇବା ସଙ୍ଗେ "ସଂସ୍କୃତି ବିହାର"ର ସମସ୍ତ କର୍ମକର୍ତ୍ତା ଓ କଳାକାରମାନଙ୍କ ନିକଟରେ ମୋର କୃତଜ୍ଞତା ଜ୍ଞାପନ କରୁଛି ।

ଓଡ଼ିଶା ସଂସ୍କୃତି ଆକାଶର ଉଜ୍ଜ୍ୱଳ ତାରକା ଅପ୍ରତିଦ୍ୱନ୍ଦୀ ନିର୍ଦ୍ଦେଶକ ଓଡ଼ିଶା ଆକାଶରୁ ଲୁଚି ଯାଇଥିଲେ ସୁଦ୍ଧା ଓଡ଼ିଶାର ସଂସ୍କୃତି ଓ ସଂସ୍କୃତି ବିହାର ଯୁଦ୍ଧ ଯାତ୍ରା ଅବାରିତ ଗତିରେ ଚାଲୁଥିବା ପର୍ଯ୍ୟନ୍ତ ସେହି ଅବିସ୍ମରଣୀୟ ମହାନ୍ ଆତ୍ମା ସମସ୍ତଙ୍କର ସ୍ମରଣରେ ରହିଥିବ ନିଶ୍ଚୟ ।

ପୁନଶ୍ଚ ଲୋକ କଳା ସମ୍ବନ୍ଧୀୟ ସ୍ୱର୍ଗତ ଧୀରେନ ଦାଶଙ୍କର ଅଶେଷ ରଚନା ବଳୀ ଯଥା – Jatra, the Theatre, Ideas experiments in theatre, Jatra, People's Theatre of Orissa, Pupetry in Orissa, Chhou Dance of Dhenkanal, This... Odissi Dance, ପାଲା ଇତିହାସ ପାଲା, ଓଡ଼ିଶାର ଯାତରା, ଦଣ୍ଡନାଟ, ଭାରତ ଲୀଳା ଓ ଦ୍ୱାରୀନାଟ, ବୈଷ୍ଣବ ପାଣି ଗୀତିନାଟ୍ୟ ଇତ୍ୟାଦି ଓଡ଼ିଶା ସାହିତ୍ୟ ଓ ସଂଗୀତ ନାଟକ ଜଗତରେ ଅମୂଲ୍ୟ ସଂପଦ ଭାବେ ଚିରଦିନ ରହିଥିବ ଓ ନାଟ୍ୟ ପ୍ରେମୀ ଓ ନାଟ୍ୟ ଗବେଷକ ତଥା ସାହିତ୍ୟିକ ମାନଙ୍କୁ ନୂତନ ଦିଗ ଦର୍ଶନ ଦେବାରେ ସହାୟକ ହେଉଥିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

❐❐❐